## ସଂକ୍ଷେପରେ

### ରଟନ୍ତିକାଳୀ ପୂଜା ଉଦ୍‌ଯାପିତ

**ଭଦ୍ରକ ଅଫିସ, ୩୧।୧:** ଭଦ୍ରକ ଜିଲା ଅସୁରାଳିଠାରେ ଗତ ୧୦ ଦିନ ଧରି ପାଳିତ ହୋଇଆସୁଥିବା ରଟନ୍ତିକାଳୀ ପୂଜା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତି ସନ୍ଧ୍ୟାରେ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା, ମେଲୋଡ଼ି, ଯାତ୍ରା ଅଭିନେତାଙ୍କ ଅଭିନୟ ଓ ସଂଳାପ ଦର୍ଶକମାନଙ୍କୁ ବିମୋହିତ କରିଥିଲା। କୋଲକାତାରୁ ଆସିଥିବା ପିଲାମାନଙ୍କ କଳା ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଖବରଦାତା ରବିନାରାୟଣ ଖିଲାର, ସନ୍ତୋଷ ଦାସ, ଜଗନ୍ନାଥ ବେହେରା, ରମେଶ ବେହେରା, ନାରାୟଣ ପାଢ଼ୀ, ନାରାୟଣ ସାହୁ, ହେମେନ୍ଦ୍ର ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ପ୍ରେମଚାନ୍ଦ ଦାସ, ବେଷ୍ଟରର ଅଧକ୍ଷ ରବୀନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ଡା. ସଦାନନ୍ଦ ଦାସ ସଭାପତିତ୍ୱ କରିଥିବା ବେଳେ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବସ୍ତାରେ ନୂତନ ତହସିଲଦାର

**ବସ୍ତା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ତହସିଲରେ ନୂତନ ତହସିଲଦାର ଭାବେ ବାଲେଶ୍ୱରର ଅତିରିକ୍ତ ତହସିଲଦାର ଅତନୁ



ପ୍ରଧାନ ମଙ୍ଗଳବାର ଯୋଗ ଦେଇଛନ୍ତି। ଏଠାରେ ଥିବା ତହସିଲଦାର କାର୍ତ୍ତିକ କୁମାର ଦାଶ କଟକ ରେଭେନ୍ୟୁ ଡିଭିଜନାଲ କମିଶନର କାର୍ଯ୍ୟାଳୟକୁ ବଦଳି ହୋଇଯାଇଛି। ଦାଶ ଏଠାରେ ୩ ବର୍ଷରୁ ଊର୍ଦ୍ଧ୍ୱ କାଳ ତହସିଲଦାର ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ତେବେ ନୂତନ ତହସିଲଦାରଙ୍କଠାରୁ ପୂର୍ବଭଳି ଲୋକେ ବିଭିନ୍ନ ସେବା ପାଇବେ ବୋଲି ଆଶା ପ୍ରକାଶ କରିଛନ୍ତି।

### ଭାଜପାର ଜିଲା କାର୍ଯ୍ୟକାରିଣୀ

**ବାସୁଦେବପୁର, ୩୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ଭାଜପା ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ବୈଠକ ସଭାପତି ହେମନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଯୋଗଦେଇ ୨୦୨୪ ନିର୍ବାଚନରେ ଓଡ଼ିଶାରେ ଭାଜପା ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିବା ସହ ଏନେଇ ବୁଥ୍ କମିଟିକୁ ଅଧିକ ସକ୍ରିୟ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ପ୍ରଦୀପ ନାୟକ, ବରିଷ୍ଠ ନେତା ମାଧବାନନ୍ଦ ମଲିକ, ଜିଲା ଲୋକ ସଭା ପ୍ରଭାରୀ ପ୍ରଭାତ ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, କାର୍ଯ୍ୟକାରୀ ସଦସ୍ୟ ମଧୁସୂଦନ ପାଢ଼ୀ, ବରିଷ୍ଠ ନେତା କିଶୋର କୁମାର ମହାପାତ୍ର, ପୂର୍ବତନ ଜିଲା ଉପସଭାପତି ଅଶୋକ ସାହୁଙ୍କ ସମେତ ଦଳୀୟ ନେତୃମଣ୍ଡଳୀ ବୈଠକରେ ଯୋଗ ଦେଇଥିଲେ।

### ସ୍ୱଚ୍ଛତା ପକ୍ଷରେ ସଚେତନତା ରାଲି

**କେନ୍ଦୁଝର, ୩୧।୧(ଡି.ଏନ୍.ଏ.):** ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଅଫିସ ପରିସରକୁ ସଫାସୁତୁରା କରିଥିଲେ। ଏହାପରେ ଏକ ସଚେତନତା ରାଲି ସହର ପରିକ୍ରମା କରି ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିବା ସହ ପ୍ଲାଷ୍ଟିକର ଅପକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସ୍ୱଚ୍ଛ ଓ ସବୁଜ ପରିବେଶ ସୃଷ୍ଟିରେ ସହାୟତା କରିବା ଲାଗି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯିବା ସହ ବିକଳ୍ପ ଭାବେ ବଜାରରେ ଉପଲବ୍ଧ କପଡ଼ା, ଝୋଟ, ବିଘଟିତ ହୋଇପାରୁଥିବା ଅନ୍ୟ ପଦାର୍ଥ ବ୍ୟବହାର କରିବାକୁ କୁହାଯାଇଥିଲା। ପରେ କୃଷକ ବଜାରଠାରେ ଲୋକଙ୍କୁ ମାସ୍କ ଏବଂ ସାନିଟାଇଜର ବଣ୍ଟନ ସହ କୋଭିଡ୍ ନିୟମ ମାନି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ସମସ୍ତ କର୍ମଚାରୀ ଷ୍ଟାଫ କ୍ୱାର୍ଟର୍ସ ଏବଂ ସ୍ଥାନୀୟ ଅଞ୍ଚଳ ସଫା କରିବା ସହ ଚାରାରୋପଣ କରିଥିଲେ। କାର୍ଯ୍ୟାଳୟର ମୁଖ୍ୟ ତଥା ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ଉମେଶ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବାବେଳେ ଉପ ଆଞ୍ଚଳିକ ପ୍ରବନ୍ଧକ ମହେନ୍ଦ୍ର ନାଥ ସୋରେନ ଏବଂ ସହାୟକ ମହାପ୍ରବନ୍ଧକ ଲଳିତ କୁମାର ମହାନ୍ତ ସହଯୋଗ କରିଥିଲେ।

# ମୋରମ ଖାଦାନ ଉନ୍ନତୀକରଣ କାର୍ଯ୍ୟକୁ ବିରୋଧ

**ଖୁଣ୍ଟା, ୩୧।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଭଣ୍ଡଗାଁ ପଞ୍ଚାୟତର ଜାମଶୋଳା ଗ୍ରାମରେ ଏକ ମୋରମ ଖାଦାନକୁ ଆଡ଼ିବାନ୍ଧି ପୋଖରୀର ରୂପେ ଦେଇ ଅର୍ଥ ଆତ୍ମସାତ କରିବା ଉଦ୍ୟମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଭଣ୍ଡଗାଁ ପଞ୍ଚାୟତର ଜାମଶୋଳା ଗ୍ରାମରେ ବ୍ଲକ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ କମିଶନ ମାଧ୍ୟମରେ ଏକ ପୋଖରୀ ଉନ୍ନତିକରଣ ପାଇଁ ୧ଲକ୍ଷ ୩୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିଲା। ତେବେ କାର୍ଯ୍ୟରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି । ଗ୍ରାମରେ ଥିବା ଏକ ମୋରମ ଖାଦାନାର ଚାରିପାଖ ଆଡି (ହୁଡ଼ା) ବାନ୍ଧିବା ସହ ପୋଖରୀ ସଦୃଶ୍ୟ ସଜାଇ ଦେଇ ଉକ୍ତ ଅର୍ଥକୁ ହଡ଼ପ କରିବା ଉଦ୍ୟମ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏତଦ୍ ବ୍ୟତୀତ ଯେଉଁ ମୋରମ ଖାଦନକୁ ପୋଖରୀର ରୂପ ଦିଆଯାଉଛି ସେଥିରେ ବର୍ଷର କୌଣସି ଋତୁରେ ପାଣି ରହିବ ନାହିଁ ଏବଂ ଏହି ପ୍ରକଳ୍ପ ଦ୍ୱାରା କାହାର ସାର୍ଥ ସାଧିତ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଗତ ୨୬ ତାରିଖରେ ଠିକାଦାରଙ୍କ ପକ୍ଷରୁ ଖନନ ପାଇଁ ନିୟୋଜିତ ହୋଇଥିବା ଜେସିବି ମେଶିନକୁ ଗ୍ରାମବାସୀ ଅଟକ ରଖିବା ସହ କାର୍ଯ୍ୟ ବନ୍ଦ କରି ବିଭାଗୀୟ ଅଧିକାରୀମାନଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ପରେ ଅତିରିକ୍ତ ଦାୟିତ୍ୱରେ ଥିବା ବିଡିଓ ମାନସ ରଞ୍ଜନ ସାମଲଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ସାମଲଙ୍କୁ ପଚାରିବାରୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କାଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ପ୍ରକାଶ ଥାଉକି, ଉକ୍ତ ୱାର୍ଡରେ ଅନ୍ୟ ଏକ ବ୍ୟବହାର ଯୋଗ୍ୟ ପୋଖରୀ ରହିଛି। ଯାହାର ଉନ୍ନତୀକରଣ ଜରୁରୀ ହୋଇପଡ଼ିଛି।

## ସରିଲା କୋଶମ୍ଭ ମେଳା

# ଦେବାଂଶୀ, ରଜନୀକାନ୍ତ ସମ୍ମାନିତ



ଅତିଥିଙ୍କ ଦ୍ୱାରା ମୁଖପତ୍ର 'କୋଶମ୍ଭିନୀ' ଉନ୍ମୋଚନ କରାଯାଉଛି।

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ଜିଲା ରେମୁଣା ଜାନୁଗଞ୍ଜ ଗୋଲେଇ ନିକଟସ୍ଥ ଦଧିବାମନ ନଗର କୋଶମ୍ଭ ମେଳା ପଡ଼ିଆରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ତରଫରୁ ଆୟୋଜିତ କୋଶମ୍ଭ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଉପସଭାପତି ରବୀନ୍ଦ୍ର କୁମାର ଜୈନ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ କମଳ ବିହାରୀ ଦାସ ବିଶେଷ କଥନ ରଖିଥିଲେ। ମୁଖ୍ୟଅତିଥି ଭାବେ କୋଶମ୍ଭ ରାଜା ବେଶରେ ଡ. କୁମାର ଗୋପାଳ ଯୋଗଦେଇ ବାଲେଶ୍ୱର ଓ ରେମୁଣାର ପ୍ରବେଶ ଦ୍ୱାର ଜାନୁଗଞ୍ଜ ଗୋଲେଇର ସୌନ୍ଦର୍ଯ୍ୟୀକରଣ, ଗୋଲେଇରୁ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମାର୍ଗକୁ କୋଶମ୍ଭମାର୍ଗ, ରାସ୍ତା ଉପରେ ଅଯଥା ପଡ଼ିରହିଥିବା ଟ୍ରକ୍ ପାଇଁ ଟ୍ରକ୍ ଟର୍ମିନାଲ ଓ ପ୍ରସ୍ତାବିତ ନୂଆ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଶାସନ, ରାଜନେତା ଓ ଜନସାଧାରଣଙ୍କୁ ପରାମର୍ଶ ଦେବା ସହ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦର ମୁଖପତ୍ର 'କୋଶମ୍ଭିନୀ'କୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ବାର ଆସୋସିଏସନ ସଭାପତି ମନୋଜ କୁମାର ନାୟକ ଯୋଗଦେଇ ଗଣେଶ୍ୱରପୁର ଶିଳ୍ପାୟନକୁ ପୁନଃ ବିକଶିତ କରି ଜିଲାର ଅର୍ଥନୀତିକୁ ବଳିଷ୍ଠ କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପଦେଷ୍ଟା ନିତ୍ୟାନନ୍ଦ ରାଉତ, କୋଶମ୍ଭିନୀର ମୁଖ୍ୟ ସମ୍ପାଦକ ଡ. କରୁଣାକର ରାଉଳ, ସାଧାରଣ ସମ୍ପାଦକ ଶିଳ୍ପୀ କେଶୁଦାସ ଯୋଗଦେଇ ମତ ରଖିଥିଲେ। ସଭାକୁ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ପରିଚାଳନା ଓ ନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୁନି ଓଡ଼ିଶୀ ଶିଳ୍ପୀ ସାଇ ଦେବାଂଶୀଙ୍କୁ କୁନି କୋଶମ୍ଭିନୀ ନୃତ୍ୟ ସମ୍ମାନ ଓ ମାଉଥ ଅର୍ଗାନ ବାଦକ ଡ. ରଜନୀକାନ୍ତ ନାୟକଙ୍କୁ କୋଶମ୍ଭୀର ବାଦ୍ୟ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ମେଳାକୁ ଉମାକାନ୍ତ ବେହେରା, ରତିକାନ୍ତ ବେହେରା, ମୁରଲୀଧର ଦାଶ, ଚନ୍ଦ୍ରଶେଖର ପରିଡ଼ା, ଦେବେଶ ରଞ୍ଜନ ପରମାଣିକ, ଦମୟନ୍ତୀ ବାଗ, ଦେବାଶିଷ ରାଉଳ, ଗୁରୁ ସାହୁ, ପ୍ରକାଶ ଜେନା, ହରିହର ଦାସ, ଅଜୟ ମାଇକାପ, ଗୋପାଳ ଦାସ ଓ ନବୀନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## 'ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ବଳରେ ସଫଳତା ମିଳେ'

**ପଦ୍ମପୁର, ୩୧।୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ପବ୍ଲିକ ସ୍କୁଲର ଦୁଇଦିନିଆ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଡା. ପୂର୍ଣ୍ଣଚନ୍ଦ୍ର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡା. ସଞ୍ଜୟ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ଏନ୍‌ଆଇଓଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଡା. ରାଜେନ୍ଦ୍ର କୁମାର ନାୟକ, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ବାବୁରାମ ନାୟକ ଓ ଗ୍ରନ୍ଥକାର ଅଭୟ କୁମାର ଦ୍ୱିବେଦୀ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ବଳରେ ଜୀବନରେ ସଫଳତା ପାଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ୨୦୨୨ରେ ଜିଲାରେ ସର୍ବାଧିକ ନମ୍ବର ରଖିଥିବା ୨୦ ଛାତ୍ରୀଛାତ୍ରଙ୍କୁ ମହେଶ୍ୱର ମେମୋରିଆଲ ଟ୍ୟାଲେଣ୍ଟ ପକ୍ଷରୁ ୧ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଛାତ୍ର ସାଇସତ୍ୟ ପରିଡ଼ାଙ୍କୁ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନ ପ୍ରକଳ୍ପରେ ପେଟ୍ରୋଲଚାଳିତ ସାଇକେଲ ପ୍ରଦର୍ଶନ କରିଥିବା ଛାତ୍ର ଶୁଭମ ସୌଭାଗ୍ୟ ଅଗସ୍ତିଙ୍କୁ କନିଷ୍ଠ ବିଜ୍ଞାନୀ ଭାବେ ମନୋନୀତ କରାଯିବା ସହ ସାହାଡ଼ା ସେବା ସମବାୟ ସମିତି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଡା. ଶରତ ଚନ୍ଦ୍ର ଦାସ, ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଓ ଉପାଧ୍ୟକ୍ଷା ସତ୍ୟଭାମା ଦାସ ପରିଚାଳନା କରିଥିଲେ।

# ସାଂସ୍କୃତିକ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ହକି ବିଶ୍ୱକପ୍ ଉଦ୍‌ଯାପନୀ ଦିବସ**

**ଯୋଡ଼ା, ୩୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ବିଲେଇପଦାଠାରେ ହକି ବିଶ୍ୱକପ୍ ଉଦ୍‌ଯାପନୀ ଅବସରରେ ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟ ପକ୍ଷରୁ ରବିବାର ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ବ୍ଲକ ବିଜେଡି ସଭାପତି ଦିଲୀପ ନାଏକ, ସମ୍ମାନିତ ଅତିଥି ଭାବେ ବିରିକଳା ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ, କଣ୍ଡରା ସରପଞ୍ଚ ରୀନା ନାଏକ, ସମିତି ସଭ୍ୟ ସୋମନାଥ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଲୋକକଳା ଓ ଲୋକ ନୃତ୍ୟକୁ ଲୋକାଭିମୁଖି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ମୁଟୁଦା ଗ୍ରାମର ମା' ତାରିଣୀ ସଙ୍କୀର୍ତ୍ତନ ସମାଜ, ବଡ଼ହୁଣ୍ଡୁଳା ଗ୍ରାମର କଳାକୁଞ୍ଜ ସଙ୍କୀର୍ତ୍ତନ ସମାଜ, ରାମଚନ୍ଦ୍ରପୁର ଗ୍ରାମର ନୀଳ କଣ୍ଠେଶ୍ୱର ସଙ୍କୀର୍ତ୍ତନ ସମାଜ, କିତାବେଡ଼ା ଗ୍ରାମର ରାଧାକୃଷ୍ଣ ସଙ୍କୀର୍ତ୍ତନ ମଣ୍ଡଳୀ ସମେତ ଗୋବିନ୍ଦପୁର ଗ୍ରାମର ମା' ଭବାନୀ ଝୁମର କରମା ଦଳକୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଲେଇପଦା ବିଜେଡି କାର୍ଯ୍ୟାଳୟ ପକ୍ଷରୁ ଯୋଡା ବ୍ଲକ ଛାତ୍ର ବିଜେଡ଼ି ସଭାପତି ଯୁଧିଷ୍ଠିର ପଲେଇ, ଦେଓଝରର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ଶ୍ରମିକନେତା ରଞ୍ଜିତ ବାରିକ, ରାଧାକାନ୍ତ ପଣ୍ଡା, ରଞ୍ଜିତ ନାଏକ, ଅର୍ଜୁନ ମୁଣ୍ଡା, ସନ୍ତୋଷ ଓରାମ, ମନବୋଧ ବେହେରା, ରଞ୍ଜିତ ବେହେରା, ନନ୍ଦକିଶୋର ମହାନ୍ତ, ରାଜା ମହାକୁଡ଼, ରମାକାନ୍ତ ମହାନ୍ତ, ଅଲେଖ ନାଏକ, ନିର୍ମଳ ବାରିକ, ଦିପ୍ତିରଞ୍ଜନ ମହାନ୍ତ ଓ ସତ୍ୟଜିତ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ୨୮ନଂ. ଜୋନ ଲୋକେ ହକି ଖେଳ ଦେଖିବାରେ ମଜା ଉଠାଇଥିଲେ ବୋଲି ଯୋଡ଼ା ବ୍ଲକ ବିଜେଡି ଛାତ୍ର ସଭାପତି ପଲେଇ ପ୍ରକାଶ କରିଛନ୍ତି।

# ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ମହିଳା

**ପାଟଣା, ୩୧।୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ବଡ଼ବିଲ ପଞ୍ଚାୟତ ଟଭାସରୁଆ ଗ୍ରାମ ଘୋଡାବନ୍ଧ ସାହିର ୩୦ରୁ ଊର୍ଦ୍ଧ୍ୱ ମହିଳା ମଙ୍ଗଳବାର ବିଡିଓଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣା ଦେଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ସେମାନେ ଦାବି କରିଥିଲେ। ଜାନକୀ ନାୟକଙ୍କ ନେତୃତ୍ୱରେ ମହିଳାମାନେ ଧାରଣାରେ ବସିଥିଲେ। ଅପରାହ୍ନରେ ସେମାନେ ବିଡିଓ ବିଜୟ କୁମାର ନାୟକଙ୍କୁ ଦାବିପତ୍ର ସହ ନିଜର ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ। ସେମାନେ ସମସ୍ତେ ଭୂମିହୀନ ହୋଇଥିବା ବେଳେ ଆବାସ ଯୋଜନାରେ ଘର, ଅନ୍ତୋଦୟ ଯୋଜନାରେ ଚାଉଳ, ବାର୍ଦ୍ଧକ୍ୟ ଭତ୍ତା ଆଦି ପାଇବାରୁ ବଞ୍ଚିତ ହୋଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି। ଏକ ଟିମ୍ ଗାଁକୁ ପଠାଇ ଅନୁଧ୍ୟାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ସୀମାନ୍ତ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ସାରସକଣା, ୩୧।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ବମ୍ବେଇଛକସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ୪୨ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନଳିନୀ ରଞ୍ଜନ ସେନାପତିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ବୁଢ଼ାନ ମୁର୍ମୁ, ସମ୍ମାନିତ ଅତିଥି ଭାବେ ଖାରପୋଖରିଆ ଥାନାଧିକାରୀ ଫଣୀନ୍ଦ୍ର ଭୂଷଣ ନାଏକ, ମୁଖ୍ୟ ବକ୍ତା ସାରସକଣା ତହସିଲଦାର ମନୋଜ କୁମାର କାର୍ଜୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ପିକେ ମହାନ୍ତି, ବୁଦ୍ଧଦେବ କର, ଛାତ୍ର ସଂସଦ ଅଧିକାରୀ ଗୋପାଳ ଚନ୍ଦ୍ର ପଣ୍ଡା, ପ୍ରଦ୍ୟୁମ୍ନ ବସା ମଞ୍ଚାସୀନ ଥିଲେ। ଯୁକ୍ତ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅଧ୍ୟାପକ ବିଶ୍ୱନାଥ ମହାନ୍ତଙ୍କ ଆବାହନ କ୍ରମେ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଝୁମର ଓ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଦ୍ୟୁମ୍ନ ବସା ଧନ୍ୟବାଦ ଅର୍ପଣ କରିଥିଲେ। ମୋ କଲେଜ ଅଭିଯାନର ସଭାପତି ଅଶୋକ ପୃଷ୍ଟି, ସମ୍ପାଦକ ମଳୟ ନାୟକ, ବରିଷ୍ଠ ସଦସ୍ୟ ନିରଞ୍ଜନ ପୃଷ୍ଟି ଯୋଗଦେଇଥିବା ବେଳେ, ଅଧ୍ୟାପକ ଶିଶିର ପଟ୍ଟନାୟକ, ଅଧ୍ୟାପକ ନିହାର ରଞ୍ଜନ ମହାନ୍ତ, ରମେଶ ଚନ୍ଦ୍ର ବାନାରା, ଅଜୟ ପରିଡ଼ା, ଖେଳ ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁଙ୍କ ସହିତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ବନାଗ୍ନି ରୋକିବାକୁ ସଚେତନତା

**ଯୋଡ଼ା, ୩୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ଅଧୀନ ଅସେଇଁ କଳାଠାରେ ମଙ୍ଗଳବାର ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ରୋକିବା ସମ୍ପର୍କୀତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ, ଗାର୍ଡ ଅନୁପମା ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର, ଏସ୍‌ଏଚ୍‌ଜିର ମହିଳାଙ୍କ ସମେତ ଶତାଧିକ ଲୋକ ଏଥିରେ ସାମିଲ ଥିଲେ। କାର୍ଯ୍ୟକ୍ରମରେ ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲର ସୁରକ୍ଷା କିପରି କରାଯିବ ଏ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା।

# ଭଦ୍ରକ ସୂର୍ଯ୍ୟଶିଖା ଚାମ୍ପିୟନ





ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

**ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ**

**ଭଦ୍ରକ ଅଫିସ, ୩୧।୧**

ଭଦ୍ରକ ଚରମ୍ପା ରେଲୱେ ଗ୍ରାଉଣ୍ଡଠାରେ ବାସନ୍ତୀ ଇନଫ୍ରାଟେଲ ଆନୁକୂଲ୍ୟରେ ଟି-୨୦ ଫର୍ମାଟରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର କପ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାରିପଦା ଡିଆର୍‌କେ କ୍ଲବକୁ ୩୪ ରନ୍‌ରେ ପରାସ୍ତ କରି ଭଦ୍ରକ ସୂର୍ଯ୍ୟଶିଖା କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ସୂର୍ଯ୍ୟଶିଖା ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୮ ରନ୍ କରିଥିଲା। ଡିଆର୍‌କେ ୧୫୪ ରନ୍ କରି ହାରିଥିଲା। ସୂର୍ଯ୍ୟଶିଖାର ଶୁଭମ ଶତ୍ରୁଜିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅମ୍ପାୟାର ଭାବେ ଦେବବ୍ରତ ରାଉତରାୟ ଓ ଦେବବ୍ରତ ଦାଶ, ରେଫରୀ ଜ୍ୟୋତି ରଞ୍ଜନ ମହାରଣା, ସ୍କୋରର ଭାବେ କମର ଅଞ୍ଜୁମ ଖାନ ଓ ଅପର୍ଣ୍ଣା ରାଉତ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସ୍ମୃତିରଞ୍ଜନ ପଲେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସୁଶାନ୍ତ ଚୌଧୁରୀ, ସଞ୍ଜୟ ମିଶ୍ର, ଶ୍ରୀଧର ରାଉତ, ହୃଦାନନ୍ଦ ଦାସ, ବିଭୂଦତ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ସରିଲା ନାଖରା ମହୋତ୍ସବ

**ବୈଶିଙ୍ଗା, ୩୧।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟଳୀପୁରା ପଞ୍ଚାୟତର ନାଖରାଠାରେ ଚାଲିଥିବା ନାଖରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୨୬ ତାରିଖରେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶାଳଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା, ପାଟଳୀପୁରା ପଞ୍ଚାୟତ ସରପଞ୍ଚ ମମତା ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ଚଣ୍ଡ, ସାମାଜିକ କର୍ମୀ ଅନିରୁଦ୍ଧ ରାଉତ, ଓବିସି ମୋର୍ଚ୍ଚା ଜିଲା ସଭାପତି ବ୍ରଜମୋହନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରୁଥିଲେ ପର୍ଶୁରାମ ସାହୁ। ପ୍ରଥମ ସନ୍ଧ୍ୟାରେ ନୃତ୍ୟ ଓ ଝୋଟି ଅଙ୍କନ ପ୍ରତିଯୋଗିତା, ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତ, କୁଇଜ ଓ ଶଙ୍ଖନାଦ ପ୍ରତିଯୋଗିତା, ତୃତୀୟ ସନ୍ଧ୍ୟାରେ ଲକ୍ଷ୍ମୀ ପୁରାଣ ପଠନ ଓ ଏକକ ଅଭିନୟ ପ୍ରତିଯୋଗିତା, ଚତୁର୍ଥ ସନ୍ଧ୍ୟାରେ ସମାଜ ଗଠନରେ ନାରୀର ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୋମବାର ଉଦ୍‌ଯାପନୀ ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ନବ ଦାସଙ୍କ ଅକାଳ ବିୟୋଗ ଯୋଗୁ ବାତିଲ କରାଯାଇଥିବା ଆୟୋଜକ କମିଟିର ସଦସ୍ୟ ତଥା ସାମାଜିକ କର୍ମୀ ସନ୍ତୋଷ କୁମାର ଖଣ୍ଡା ସୂଚନା ଦେଇଛନ୍ତି।





ମଞ୍ଚାସୀନ ଅତିଥିମାନେ।


# ରେଫରାଲ୍ ପାଇଁ ରିୱାର୍ଡ଼ ପ୍ରୋଗ୍ରାମ ଶୁଭାରମ୍ଭ

## 'ମାଇଁ ଟାଟା ପାୱାର' ଆପ୍ ସାଜିଛି ଲାଭଦାୟକ

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ଜିଲା ରେମୁଣା ଜାନୁଗଞ୍ଜ ଗୋଲେଇସ୍ଥିତ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମ୍ପାନି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ଗ୍ରାହକଙ୍କ ଲାଗି ଏକ ଗ୍ରାହକ ରେଫରାଲ୍ ଓ ରିୱାର୍ଡ଼ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାସ୍କର ସରକାର ସୂଚନା ଦେଇଛନ୍ତି।

ଟିପିଏନ୍‌ଓଡିଏଲ୍ 'ମାଇଁଟାଟା ପାୱାର' ଆପ୍ ଗ୍ରାହକମାନଙ୍କ ଲାଗି ଲାଭଦାୟକ ହୋଇଛି। ଏବେ ଗ୍ରାହକମାନେ ଏହି ଆପ୍‌କୁ ରେଫରାଲ୍ କୋଡ୍ (ସେମାନଙ୍କ ପଞ୍ଜୀକୃତ ମୋବାଇଲ) ନମ୍ବର ସହ ନିଜ ପ୍ରିୟଜନଙ୍କୁ ସେୟାର କରିପାରିବେ ଏବଂ ସେମାନେ ବିଦ୍ୟୁତ୍ ବିଲ୍ ପେମେଣ୍ଟ କରିବା ବେଳେ ରିୱାର୍ଡ଼ ପଏଣ୍ଟ ପାଇପାରିବେ। ଗ୍ରାହକମାନେ ଏହି ଆପ୍‌ରେ ନିଜ ବିଦ୍ୟୁତ ବିଲ୍ ଦେବା ବେଳେ ସେହି ରିୱାର୍ଡ ପଏଣ୍ଟଗୁଡ଼ିକୁ ରିଡ଼ିମ୍ କରିପାରିବେ। ଆପ୍ ଜରିଆରେ ସେମାନଙ୍କ ପଞ୍ଜୀକରଣ ସହିତ ପ୍ରଥମ ସଫଳ ପେମେଣ୍ଟ ପାଇଁ ଗ୍ରାହକ ୮ ରିୱାର୍ଡ଼ ପଏଣ୍ଟ ପାଇବେ ଏବଂ ରେଫର୍ କରାଯାଇଥିବା ଗ୍ରାହକଙ୍କ ପରବର୍ତ୍ତୀ ଦୁଇ ପେମେଣ୍ଟ ଉପରେ ୫ ରିୱାର୍ଡ଼ ପଏଣ୍ଟ ପାଇପାରିବେ। ପୁନଶ୍ଚ, ଡିଜିଟାଲ୍ ପେମେଣ୍ଟ ମାଧ୍ୟମକୁ ବ୍ୟବହାର କରି ଗ୍ରାହକମାନେ ସେମାନଙ୍କ ବିଦ୍ୟୁତ୍ ବିଲ୍ ଉପରେ ୫ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ରିହାତି ପାଇପାରିବେ। ଦୀର୍ଘ ଦିନରୁ ବକେୟା ରହିଥିବା ବିଦ୍ୟୁତ୍ ବିଲ୍ ଉପରେ ଏଲ୍ ଗ୍ରାହକମାନେ ପୁରୁଣା ବକେୟାର ମୂଳ ରାଶି ଉପରେ ଏକକାଳୀନ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ ଏବଂ ବିଳମ୍ବିତ ପେମେଣ୍ଟ ସରଚାର୍ଜ ଉପରେ ୮୦% ଅତିରିକ୍ତ ରିହାତି ପାଇପାରିବେ ଏବଂ ବିଳମ୍ବିତ ପେମେଣ୍ଟ ସରଚାର୍ଜ (ଡିପିଏସ୍) ଉପରେ ଏଚ୍‌ଟି ଇଏଚ୍‌ଟି ଗ୍ରାହକମାନେ ୬୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଗ୍ରାହକମାନେ ସମସ୍ତ ଟିପିଏନ୍‌ଓଡିଏଲ୍ ଟଲ୍‌ଫ୍ରି-ଦେୟମୁକ୍ତ କଲ୍ ସେଣ୍ଟର (୧୮୦୦-୩୪୫୬୭୧୮୮ ୧୯୧୨), ଗ୍ରାହକ ସେବା କେନ୍ଦ୍ର, ଅନୁଭବ କେନ୍ଦ୍ର, ନିଷ୍ପା ଶିବିର, ଗ୍ରାହକ ସେବା ପ୍ରତିନିଧି, ଟିପିଏଚ୍‌ଓଡିଏଲ୍‌ର କାର୍ଯ୍ୟାଳୟରେ ପହଞ୍ଚିପାରିବେ, ୭୭୭୭୦୦୪୭୫୯କୁ ହ୍ୱାଟସ୍‌ଆପ୍ ଟେକ୍ସଟ୍ ପଠାଇପାରିବେ କିମ୍ବା ୦୬୭୪୧-୩୩୮୮ରେ ପଞ୍ଜିକରଣ ଓ ଗୋଟିଏ ସମୟ ପାଇଁ ମିଳୁଥିବା ଏହି ସୁଯୋଗ ବିଷୟରେ ଅଧିକ ଜାଣିବା ଲାଗି ମିସଡ୍ କଲ୍ କରିପାରିବେ ବୋଲି ସିଇଓ ସରକାର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ ଆଇଟି ଓ ଓଟି ତରୁଣ ବାତ୍ରା, ଚିଫ୍ ଅପରେସନ୍ସ ସର୍ଭିସେସ୍ ନୀଲେଶ ପଡ଼େ, ଚିଫ୍ ରେଭିନ୍ୟୁ କଲେକ୍ସନ୍ ଆଣ୍ଡ ମ୍ୟାନେଜମେଣ୍ଟ ରମେଶ କୌଲ, ମୁଖ୍ୟ ଗ୍ରାହକ ସେବା ବିନୋଦ କୁମାର, ଏଚ୍‌ଓଡ଼ି ରେଭିନ୍ୟୁ କଲେକ୍ସନ ଶୁଭଜ୍ୟୋତି ଦାସଙ୍କ ସମେତ ଟିପିଏନ୍‌ଓଡିଏଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।





ଟିପିଏନ୍‌ଓଡିଏଲ୍‌ର ଖବରଦାତା ସମ୍ମିଳନୀ

## ସଂକ୍ଷେପରେ

### ଓଡ଼ିଆ କାବ୍ୟ ସାମ୍ରାଜ୍ୟରେ ସାଲିସ୍‌ବିହୀନ ବାଦ୍‌ଶାହ ଥିଲେ ହୁସେନରବି ଗାନ୍ଧୀ

**ଭଦ୍ରକ ଅଫିସ, ୩୧।୧:** ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି, କବି, ରାଜନେତା ଡ. ହୁସେନ ରବି ଗାନ୍ଧୀ ଓଡ଼ିଆ କାବ୍ୟ ସାମ୍ରାଜ୍ୟରେ ସାଲିସ୍‌ବିହୀନ ବାଦ୍‌ଶାହ ଥିଲେ ବୋଲି ଭଦ୍ରକ ଜିଲା ଲେଖକ ସାଙ୍ଖ୍ୟ ପକ୍ଷରୁ ଅନୁଷ୍ଠିତ ଶୋକସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ସହର ନରିପୁରସ୍ଥିତ ଜଗତ୍‌ଜନନୀ କାର୍ଯ୍ୟାଳୟରେ ସାଙ୍ଖ୍ୟର ସଭାପତି ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଅବସରପ୍ରାପ୍ତ ପ୍ରଫେସର ଅଟଳ ବିହାରୀ ନାୟକ, ପଣ୍ଡିତ ଦୈତାରି ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ନୀହାର ରଞ୍ଜନ କର, କବି ରମେଶ ଚନ୍ଦ୍ର ଦାସ, ବ୍ୟଙ୍ଗକବି ବିଜୟ କୁମାର ବହଳୀ, କବି ଚର୍ଚ୍ଚିକା ପ୍ରସାଦ ମହାପାତ୍ର, କବୟିତ୍ରୀ ପ୍ରୀତିଲତା ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ଉର୍ସ ପାଇଁ ଶାନ୍ତି କମିଟି ବୈଠକ

**ଚାନ୍ଦବାଲି, ୩୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁ ଗୋଲାଆଡ଼ିଆ ବସ୍ତିରେ ଆସନ୍ତା ୧ ଓ ୨ ତାରିଖ ଦୁଇଦିନ ଧରି ଉର୍ସ ପର୍ବ ପାଳନ କରାଯିବ। ଏନେଇ ଶାନ୍ତି କମିଟି ବୈଠକ ଚାନ୍ଦବାଲି ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଥାନାଧିକାରୀ କରୁଣାକର ରାଉତଙ୍କ ସଂଯୋଜନାରେ ଉର୍ସ କମିଟିର କାର୍ଯ୍ୟକର୍ତ୍ତାଙ୍କ ସହ ଏନ୍‌ଏସି ଅଧିକାରୀ, ବିଦ୍ୟୁତ୍, ପିଏଚ୍‌ଡି, ସ୍ୱାସ୍ଥ୍ୟ ଏବଂ ପୋଲିସ ବିଭାଗ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ପାନୀୟଜଳ, ପରିମଳ, ଆଲୋକ ବ୍ୟବସ୍ଥା, ସଫେଇ କାର୍ଯ୍ୟକ୍ରମ, ଶବ୍ଦ ନିୟନ୍ତ୍ରଣ ଆଦି ଉପରେ ଗୁରୁତ୍ୱ ଦିଆଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ନୁରୁ ମହମ୍ମଦ ଇସମାଇଲ, ମହମ୍ମଦ ମଞ୍ଜୁର, ବଦ୍ରୀନାଥ ନାୟକ, ଏସ୍ କେ କାଦିର, ଏସ୍ କେ ଫିରୋଜ, ଗୋପୀନାଥ ଅଗ୍ରୱାଲ, ଅଭିମନ୍ୟୁ ଖୁଣ୍ଟିଆ, ଚିତ୍ତରଞ୍ଜନ ରାଉତ, ବ୍ରଜ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ମୃତକଙ୍କ ପରିବାରକୁ ବୀମା ରାଶି ପ୍ରଦାନ

**ରୂପସା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ରାଉତପଡ଼ା କୃଷି ସମବାୟ ସମିତି ପକ୍ଷରୁ ଦୁର୍ଘଟଣାରେ ମୃତ ଓଡ଼ିଆଶାସନ ଗ୍ରାମର ଚାଷୀ ସନ୍ତୋଷ କୁମାର ପ୍ରଧାନଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି। ସମିତି ସଭାପତି ଦେବାଶିଷ ମହାପାତ୍ର ଏହି ବୀମାରାଶିର ଚେକ୍ ମୃତ ଚାଷୀଙ୍କ ସ୍ତ୍ରୀ ମିନତୀ ପ୍ରଧାନଙ୍କୁ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ସୃଷ୍ଟିଧର ରାଉତ, ସହସମ୍ପାଦକ ତପନ ଦୀକ୍ଷିତ, କର୍ମକର୍ତ୍ତା ଯତୀନ୍ଦ୍ର ଦାସ ଓ କବିତା ସାହୁଙ୍କ ସମେତ ବୋର୍ଡ ଡାଇରେକ୍ଟର ଓ ଚାଷୀ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଗତ ୨୦୧୯ ଡିସେମ୍ବର ୩୦ରେ ଅମର୍ଦ୍ଦାରୋଡ଼ ସମବାୟ ସମିତିରେ ଟ୍ରକରେ ଧାନ ଲୋଡ଼ିଂ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ୬୦ ନଂ. ଜାତୀୟ ରାଜପଥର ବରୁଣଗଡ଼ିଆ ଛକ ନିକଟରେ ଏକ ଭ୍ୟାନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ୟୁନିୟନ ସ୍ପୋର୍ଟିଂ କଟକ ସେମିରେ

**ବନ୍ତ,୩୧।୧(ଡି.ଏନ୍.ଏ):** ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ବନ୍ତ କପ୍‌ର ୨ୟ ଲିଗ୍ ମ୍ୟାଚ୍‌ରେ ଝାରସୁଗୁଡ଼ାକୁ ହରାଇ ୟୁନିୟନ ସ୍ପୋର୍ଟିଂ କଟକ ସେମିଫାଇନାଲକୁ ପ୍ରବେଶ କରିଛି। ପ୍ରୋଗ୍ରେସିଭ୍ ଝାରସୁଗୁଡ଼ା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୩ ରନ୍ କରିଥିଲା। ପ୍ରୋଗ୍ରେସିଭ୍ ଝାରସୁଗୁଡ଼ା ୨୦ ଓଭରରେ ୯ ଉଇକେଟ ହରାଇ ୧୩୩ ରନ୍ କରି ହାରିଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ୟୁନିୟନ ସ୍ପୋର୍ଟିଂର ଶୁଭମ ପ୍ରିୟଦର୍ଶୀଙ୍କୁ ବିବେଚିତ କରାଯାଇଥିଲା। ଅମ୍ପାୟର ସେକ୍ ୟାକତ୍ ଅଲ୍ଲୀ, ପ୍ରାଣନାଥ ଜେନା, ମ୍ୟାଚ୍ ରେଫରୀ ଲଲାଟ କେଶରୀ ନନ୍ଦ, ସ୍କୋରର ସସ୍ମିତା ସାହୁ, ଜ୍ୟୋତି ରଞ୍ଜନ ଜେନା, ଭାଷ୍ୟକାର ଭାବେ ସଞ୍ଜୟ ମଜୁମଦାର, ସେକ୍ ଆଜାରୁଦ୍ଦିନ୍ ଓ ସୁଶାନ୍ତ ଜେନା ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବିଡିଓ ପ୍ରଦୀପ କୁମାର ସେଠୀ, ବନ୍ତ କଲେଜର ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର ଓ ଅବସରପ୍ରାପ୍ତ ଅଧ୍ୟାପକ ରାଜ କିଶୋର ଆଚାରୀ ଯୋଗ ଦେଇଥିଲେ।

# ୪ ମାସ ହେଲା ଚାଲିଛି ଫାଇଲ କାମ

## ରାସ୍ତା ନିର୍ମାଣରେ ବାଧକ ବିଦ୍ୟୁତ୍ ଖୁଣ୍ଟ

**ଖଇରା, ୩୧।୧(ଡି.ଏନ.ଏ)**


ଗଗନଧୂଳି ଗ୍ରାମରେ ରାସ୍ତା କଡରେ ରହିଥିବା ଟ୍ରାନ୍ସଫର୍ମର।

ବାଲେଶ୍ୱର ଓ ଭଦ୍ରକ ୨ ଜିଲାର ଉପାନ୍ତ ଅଞ୍ଚଳକୁ ସଂଯୋଗ କରୁଥିବା ମହତୀପୁର-ଚରମ୍ପା ଭାୟା ବାରାପୁର ଅନ୍ତରା ଆରଡି ରାସ୍ତା କାର୍ଯ୍ୟ ୨ମାସ ଧରି ଦ୍ରୁତଗତିରେ ଆଗେଇ ଚାଲିବା ପରେ ଏବେ ବିଦ୍ୟୁତ ବିଭାଗର ଅସହଯୋଗ ଯୋଗୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି । ବିଦ୍ୟୁତ ଖୁଣ୍ଟ ଅପସାରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ରାସ୍ତାରୁ ବିଦ୍ୟୁତ ଖୁଣ୍ଟ ତଥା ଗଗନଧୂଳି ଗ୍ରାମ ମଝିରେ ଥିବା ଟ୍ରାନ୍ସଫର୍ମର ଅପସାରଣ ହୋଇପାରିଲାନି। ଯେଉଁଥିପାଇଁ ଅବଧି ସମୟରେ ରାସ୍ତା କାମ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଖାଲି ସେତିକି ନୁହେଁ ରାଜସ୍ୱ ବିଭାଗର ଅସହଯୋଗ ଯୋଗୁ ଡ୍ରେନ ତଥା ସରକାରୀ ଜାଗା ଜବରଦଖଲ ମୁକ୍ତ ହୋଇ ନ ପାରିବାରୁ ରାସ୍ତା ପ୍ରଶସ୍ତୀକରଣରେ ବାଧା ସୃଷ୍ଟି ହୋଇଛି। ତୁରନ୍ତ ବିଦ୍ୟୁତ ଖୁଣ୍ଟ ଅପସାରଣ ତଥା ରାସ୍ତା ୨ ପାର୍ଶ୍ୱକୁ ଜବରଦଖଲମୁକ୍ତ ପାଇଁ ଝିଙ୍କିରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ମାଝି, ଗୋବିନ୍ଦ ପଣ୍ଡା, ମଧୁସୂଦନ ଦାସ, ଲମ୍ବୋଦର ମାଝି, ମହେଶ୍ୱର ବେହେରା, ଭଗବାନ ଦାସ, କମଳାକାନ୍ତ ପଣ୍ଡା, ରତ୍ନାକର ପ୍ରଧାନ, କୈଳାସ ଜେନା, ଗୋବିନ୍ଦ ଚନ୍ଦ୍ର ସେଠୀ, ନିରଞ୍ଜନ ପ୍ରଧାନ, ଜଗନ୍ନାଥ ପୃଷ୍ଟିଙ୍କ ସମେତ ଅରଖପୁର, ତୋଟାପଡା, ପତିରାଜପୁର, ସିଂହପୁର, ମୁସ୍ତଫାବାଦ ଓ ଅଲିପୁର ଗ୍ରାମର ଅଧିବାସୀ ଦାବି କରିଛନ୍ତି।

ଉକ୍ତ ରାସ୍ତା ପାଇଁ ୧୦କୋଟି ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସେପ୍ଟେମ୍ବର ୨୮ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟକୁ ସହଜ ଓ ସୁଗମ କରିବାକୁ ଏହି ରାସ୍ତାକୁ ଲାଗି ରହିଥିବା ୨୫ଟି ବିଦ୍ୟୁତ ଖୁଣ୍ଟ ଅପସାରଣ କରିବାକୁ ୪ମାସ ତଳୁ ବିଦ୍ୟୁତ ବିଭାଗ(ବର୍ତ୍ତମାନର ଟାଟା ପାୱାର)କୁ ଚିଠି କରାଯିବା ପରେ ଏଷ୍ଟିମେଟ ପ୍ରଦାନ କରିବାକୁ କୁହାଯାଇଥିଲା । ହେଲେ ୨ ମାସ ତଳୁ ଆରମ୍ଭ ହୋଇ ୩୦ପ୍ରତିଶତ ରାସ୍ତା କାର୍ଯ୍ୟ ସରିଥିବା ବେଳେ ଏପର୍ଯ୍ୟନ୍ତ ବିଦ୍ୟୁତଖୁଣ୍ଟ ଅପସାରଣ ଆରମ୍ଭ ହୋଇପାରିଲାନି। ସେହିଭଳି ଗଗନଧୂଳି ଗ୍ରାମ ରାସ୍ତା ମଝିରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ହଟାଇବାକୁ ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଗ୍ରାମବାସୀ ଟାଟା ପାୱାର ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଜଣାଇ ସାରିଥିଲେ ମଧ୍ୟ ବର୍ତ୍ତମାନ ଫାଇଲ ପ୍ରୋସେସିଂ ଚାଲିଥିବା ନେଇ ଉତ୍ତରରେ କୁହାଯାଉଛି। ଏ ସମ୍ପର୍କରେ ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଅଶୋକ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ବର୍ତ୍ତମାନ ଫାଇଲ ଏସ୍‌ସିଙ୍କ ନିକଟକୁ ଯାଇଛି । ଯଥାଶୀଘ୍ର ଅପସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଛନ୍ତି ।

# ଭକ୍ତହରି ନାୟକ ଯୁବ ସଙ୍ଗଠନର ବାର୍ଷିକ ଉତ୍ସବ


ବାର୍ଷିକୋତ୍ସବ ଅବସରରେ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବାହାନଗା, ୩୧।୧(ଡି.ଏନ.ଏ.)**

ବାହାନଗା ବ୍ଲକ ଅଧୀନ ବିଶ୍ୱପୁର ପଞ୍ଚାୟତର ଦେବେନ୍ଦ୍ରପୁର ଗ୍ରାମର ଦକ୍ଷିଣ ସାହିରେ ଥିବା ଭକ୍ତହରି ନାୟକ ଯୁବ ସଙ୍ଗଠନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସମିତିସଭ୍ୟ ସାଧୁଚରଣ ପରିଡା ଯୋଗ ଦେଇଥିଲେ। ଏଥିରେ ସନାତନ ପଣ୍ଡା ସଭାପତିତ୍ୱ କରିଥିଲେ। ସଞ୍ଜୀବ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ସଙ୍ଗଠନ କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ବେହେରା, ସମ୍ପାଦକ କ୍ଷୀରୋଦ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶୀ ନୃତ୍ୟଶିଳ୍ପୀ ମିତାଲି ଷଡ଼ଙ୍ଗୀ ଏବଂ ନାରାୟଣ ସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସୋରର ନୂପୁର ସାଉଣ୍ଡ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦିପନ ପରିଡା, ବଂଶୀଧର ପଣ୍ଡା, ସଂଗ୍ରାମ କେଶରୀ ଖୁଣ୍ଟିଆ, ସିଦ୍ଧାନ୍ତ ନାୟକ, ନାରାୟଣ ସାହୁ, ମନୋରଞ୍ଜନ ବେହେରା, ତାପସ ସାହୁ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ।

# ମୁଖ୍ୟ ଅଭିଯୁକ୍ତ ଗିରଫ, ଭୁଜାଲି ଜବତ

## କିଓସ୍କୋରୁ ସାଢ଼େ ୩ ଲକ୍ଷ ଲୁଟ୍ ଘଟଣା

**ନୀଳଗିରି, ୩୧।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଜାମୁନା ଅଞ୍ଚଳରେ ଥିବା କ୍ଷେତ୍ରବ୍ୟାଙ୍କ ଡକାୟତିରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୋର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ବରହମପୁର ପୋଲିସ ରିମାଣ୍ଡରେ ଆଣି ତଦନ୍ତ କରୁଛି।

ସେରଗଡ଼ ଉଦଳା ୧୯ନମ୍ବର ରାଜ୍ୟ ରାଜପଥ ଜାମୁନା ନିକଟରେ ଚନ୍ଦନ କୁମାର ସାହୁ ନାମକ ଜଣେ ବ୍ୟକ୍ତି କ୍ଷେତ୍ରବ୍ୟାଙ୍କ କିଓସ୍କ କରିବା ସହ ପାଖରେ ଏକ ଏଟିଏମ ରଖିଥିଲା। ଗତ ଜାନୁଆରୀ ୫ ତାରିଖରେ ଏଟିଏମରେ ଟଙ୍କା ଭର୍ତ୍ତି କରାଯାଉଥିବା ବେଳେ ଦୁଇଟି ବାଇକରେ ୫ ଜଣ ଦୁର୍ବୃତ୍ତ ହଠାତ୍ ଭିତରକୁ ପଶିଥିଲେ। ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଭୟଭୀତ କରାଇଥିଲେ। ଏପରିକି ମାଲିକ ଚନ୍ଦନ ଏହାକୁ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏଟିଏମରୁ ଟଙ୍କା ଲୁଟିଥିଲେ ଦୁର୍ବୃତ୍ତ। ଏନେଇ ବରହମପୁର ଥାନାରେ ମାମଲା (ନଂ. ୨/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଖଇରା ଥାନା ଅଞ୍ଚଳର ଆଶିଷ କୁମାର ମଲ୍ଲିକ (୨୨)ଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ଏକ ଭୁଜାଲି ଜବତ କରାଯାଇଛି। ଗତ ସୋମବାର ସୋର ଥାନା ପୋଲିସ ଏକ ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଆଶିଷ ଜାମୁନା ଡକାୟତିରେ ଲିଙ୍କ୍ ଥିବା ନେଇ ଜଣାପଡ଼ିବା ପରେ ବରହମପୁର ପୋଲିସ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରୁଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ଆହୁରି ୭ରୁ ୮ ଜଣ ସମ୍ପୃକ୍ତ ରହିଥିବା ତଦନ୍ତରୁ ଜଣାପଡ଼ିଛି। ଅଟକ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ସୋର, ଖଇରା ଓ ଭଦ୍ରକ ଥାନାରେ ବିଭିନ୍ନ ମାମଲା ଥିବା ସୂଚନା ରହିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ସହ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ବରହମପୁର ଥାନା ଅଧିକାରୀ ହେମନ୍ତ କୁମାର ମାଝି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଖଇରବଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଅନୁସୂଚିତ ଜାତି, ଜନଜାତି ବିଭାଗ ଯୁଗ୍ମ ନିର୍ଦ୍ଦେଶକ

**ବୈଶିଙ୍ଗା,୩୧।୧(ଡି.ଏନ.ଏ.)**

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଟିଙ୍କୁ ବାରିକ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ମଙ୍ଗଳବାର ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଖଇରବଣୀ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସହିତ ଶିକ୍ଷାଦାନ, ପରିମଳ, ମଧ୍ୟାହ୍ନଭୋଜନ, ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ଶୌଚାଳୟ, ବିଜୁଳି ଓ ପାନୀୟ ଜଳ ସମ୍ପର୍କରେ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିନୀତା ଦାସ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନରେ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକଙ୍କ ପରିଦର୍ଶନ ସମୟରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଣଶିକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ରୂପାନ୍ତରିତ ସ୍କୁଲ ପରିଦର୍ଶନ କଲେ ଜିଲାପାଳ


ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ ବେଳେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅନ୍ୟ ଅଧିକାରୀମାନେ।

**ଭଣ୍ଡାରିପୋଖରୀ, ୩୧।୧ (ସ୍ୱ.ପ୍ର.)**

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଙ୍ଗଳବାର ଅପରାହ୍ନରେ ଭଣ୍ଡାରିପୋଖରୀ ବ୍ଲକର ୫-ଟି ରୂପାନ୍ତରିତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଜଳମଣ୍ଡୁଆ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଚାଲିଥିବା କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହାସହ ଶୈକ୍ଷିକ ବାତାବରଣ ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ଜିଲାପାଳଙ୍କ ସମେତ ଅନ୍ୟ ପଦାଧିକାରୀମାନେ ମହୁରା ଉଚ୍ଚ ବିଦ୍ୟାଳୟ ଓ କହରାପୋଖରୀସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠକୁ ଯାଇ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହ ଯଥାଶୀଘ୍ର ସାରିବାକୁ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଣ୍ଟି, କୁରିଗାଁ ଓ ମାଳଦା ଉଚ୍ଚ ବିଦ୍ୟାଳୟ କାର୍ଯ୍ୟ ଜିଲାପାଳ ବୁଲି ଦେଖିଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ବିଡିଓ ଦେବଦତ୍ତ ଦାସ, ବିଇଓ ଅଧିର କୁମାର ତରାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ତ୍ରିପାଠୀ, ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ପାତ୍ରଙ୍କ ସହ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ରାସ୍ତା, ଡ୍ରେନ୍ ନିର୍ମାଣ ଦାବିରେ ଧାରଣା

**ଔପଦା, ୩୧।୧**


ଔପଦା ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା।

ଔପଦାରୁ ରଙ୍ଗାମାଠିଆ ପର୍ଯ୍ୟନ୍ତ ନିର୍ମାଣାଧୀନ ଆରଡ଼ି ରାସ୍ତାର କଲରାପାଳ ଗ୍ରାମ ଠାରୁ ପାଟପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ବନ୍ଦ ଥିବାରୁ ସ୍ଥାନୀୟ ଗ୍ରାମର ମହିଳାମାନେ ରାସ୍ତା ସହ ଡ୍ରେନ ନିର୍ମାଣ ଦାବିରେ ଔପଦା ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପୂର୍ବରୁ ମହିଳାମାନେ ଜବରଦଖଲ କରି ରଖିଥିବା ବ୍ୟକ୍ତିଙ୍କଠାରୁ ସରକାରୀ ଜାଗା ଉଚ୍ଛେଦ କରି ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନଠାରେ ଦାବି କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶେଷରେ ଏହି ଧାରଣା ଦିଆଗଲା ବୋଲି ଧାରଣାକାରୀଙ୍କ ପକ୍ଷରୁ କୁହାଯାଇଛି। କାର୍ଯ୍ୟାଳୟ ଆଗରେ ଧାରଣାକୁ ନେଇ ତହସିଲଦାରଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟାଳୟକୁ ଯାଇ ନ ପାରିବାରୁ କାର୍ଯ୍ୟ ବ୍ୟାହତ ହୋଇଥିଲା। ଧାରଣାକାରୀମାନେ ତହସିଲଦାର ଶରତ କୁମାର ମଲ୍ଲିକଙ୍କୁ ଜବରଦଖଲ ଥିବା ସରକାରୀ ଜମିକୁ ଉଚ୍ଛେଦ କରି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଅଡ଼ି ବସି ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସିଥିବା ଦେଖାଯାଇଥିଲା। ଥାନା ଅଧିକାରିଣୀ କମଳିନୀ ତାଣ୍ଡି ଓ ତହସିଲଦାର ମଲ୍ଲିକଙ୍କ ମଧ୍ୟରେ ଆଲୋଚନା ପରେ ଧାରଣାକାରୀମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ପୂର୍ବତନ ଅଧ୍ୟାପକ, ଅଧ୍ୟକ୍ଷଙ୍କ ସମ୍ମିଳନୀ

**ବାଲିଆପାଳ, ୩୧।୧(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ଅଧୀନ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ତଥା ଅଧ୍ୟାପକମାନଙ୍କ ସମ୍ମିଳନୀ ଓ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ବେଜଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ ଅଧ୍ୟକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ସ୍ଥାପନଠାରୁ ଥିବା ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ଏବଂ ଦମ୍ପତିମାନେ ଯୋଗଦେଇ ମହାବିଦ୍ୟାଳୟର ଆଦ୍ୟ ଇତିହାସ ସହିତ ନିଜର ଅନୁଭୂତି ବିଷୟରେ ବକ୍ତବ୍ୟ ଦେଇଥିଲେ। ପୂର୍ବତନ ଅଧ୍ୟାପକ ଅନନ୍ତ ଗିରି, ପୂର୍ବତନ ଅଧ୍ୟାପକ ଶ୍ୟାମାଚରଣ ଦାସ, ଅନ୍ୟାନ୍ୟ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ପୂର୍ବତନ ଅଧ୍ୟାପକ ଅଜୟ ମୈକାପ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ନନ୍ଦୀ ଧନ୍ୟବାଦ ଦେଇଥିଲେ।

# ରେଲୱେ ଜେନେରାଲ ମ୍ୟାନେଜରଙ୍କ ସୋର ରେଲଷ୍ଟେଶନ ପରିଦର୍ଶନ

**ସୋର, ୩୧।୧(ଡି.ଏନ.ଏ.)**

ଦକ୍ଷିଣପୂର୍ବ ରେଳ ବିଭାଗ କୋଲକାତା ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀ ମଙ୍ଗଳବାର ସୋର ଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି ସମୟରେ ଖଡ଼ଗପୁର ଡିଆର୍‌ଏମ୍ ଜନାବ ମହମ୍ମଦ ହାସ୍ମିଙ୍କ ସହିତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଜିଏମ୍ ଯୋଶୀ ସୋର ଷ୍ଟେଶନ ପ୍ଲାଟଫର୍ମ, ନିର୍ମାଣାଧୀନ ରେଳ ତୃତୀୟ ଲାଇନ ସଂପ୍ରସାରଣ କାର୍ଯ୍ୟ, ଷ୍ଟାଫ୍ କ୍ୱାର୍ଟର୍ସ, ପାଇଖାନା, ପାଣି ଓ ସଫେଇ ଆଦି ପରିଦର୍ଶନ କରିଥିଲେ। ଏହି ସମୟରେ ସୋର ନାଗରିକ ମଞ୍ଚ ତରଫରୁ ଏକ ଦଳ ତାଙ୍କ ସହ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ପ୍ରତିନିଧି ଦଳଙ୍କ ସହିତ ବିଚାର ବିମର୍ଶ କରି ଦାବିଗୁଡିକ ଉପରେ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ଭେଟି ସମସ୍ୟା ସମ୍ବଳିତ ନାଗରିକ ମଞ୍ଚ ଦାବିପତ୍ର ପ୍ରଦାନ କରି ଦୃଷ୍ଟି ଆକର୍ଷଣ କରିଥିଲେ।

# 'ବିଦ୍ୟାମନ୍ଦିର ଶିକ୍ଷା ସହ ସଂସ୍କାର ଦେଇଥାଏ'


ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥିମାନେ।

**ଧାମନଗର,୩୧।୧(ଡି.ଏନ.ଏ)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷା ସହ ଦୀକ୍ଷା ଓ ସଂସ୍କାର ଦେଇଥାଏ ବୋଲି ଧାମନଗର ବ୍ଲକ ଆନନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଯାଜପୁର ଜିଲାସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ମୋହନ ରାୟ, ଅନ୍ୟତମ ଅତିଥି ଭାବେ ଖବରଦାତା ସୂର୍ଯ୍ୟମଣି ମିଶ୍ର, ସାମାଜିକ କର୍ମୀ ଅରବିନ୍ଦ ପତି ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ପୌରୋହିତ୍ୟ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରାକାର ଦାଶ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସମ୍ପାଦକ ବୃନ୍ଦାବନ ମହାନ୍ତି ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତିନାଟ୍ୟ 'ମହିଷାମର୍ଦ୍ଦିନୀ' ମଞ୍ଚସ୍ଥ ସହ ନୃତ୍ୟସଙ୍ଗୀତ ପରିବେଷଣ ହୋଇଥିଲା। ସମସ୍ତ ଗୁରୁମା, ଗୁରୁଜୀ ଏବଂ ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁଡୁମୀ ସମାଜକୁ ଆଦିବାସୀ ମାନ୍ୟତା ନେଇ ଦାବିପତ୍ର

**ଖୁଣ୍ଟା,୩୧।୧(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଆଦିବାସୀ କୁଡୁମୀ ସମାଜ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବା ସହ ଏ ସଂକ୍ରାନ୍ତରେ ଏକ ଦାବିପତ୍ର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସଂଘର ଜିଲା ସଭାପତି ନିରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚାର ଝାଲମଣି ମହାନ୍ତ, ସମ୍ପାଦିକା ନିର୍ମଳା ମହାନ୍ତଙ୍କ ସମେତ ବ୍ଲକ ଅଧୀନରେ ଥିବା ଆଦିବାସୀ କୁଡୁମୀ ସମାଜର ଶତାଧିକ ମହିଳା ପୁରୁଷ ଏକତ୍ରୀତ ହୋଇ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। କୁଡୁମୀ ସମ୍ପ୍ରଦାୟକୁ ଏସ୍‌ଟି ମାନ୍ୟତା ପ୍ରଦାନ କରାଯିବା ପାଇଁ ଦାବି କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଦାବି ସମ୍ପର୍କରେ ବିଚାର ନ କଲେ ଆଗାମୀ ଦିନରେ ଆଦିବାସୀ କୁଡୁମୀ ସମାଜ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

# ଦାବି ପୂରଣ ନ ହେଲେ ଚକାଜାମ୍ ଆନ୍ଦୋଳନ

## ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ବିକ୍ଷୋଭ

**ବାରିପଦା ଅଫିସ,୩୧।୧**

ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ସୋମବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଦିବାସୀଙ୍କ ଈଶ୍ୱର ମାରାଂ ବୁରୁ ଜାହେରା ଥାନ ବା ପୂଜାସ୍ଥଳକୁ ଜୈନ ସମାଜକୁ ହସ୍ତାନ୍ତର କରିବା ନେଇ ଝାଡ଼ଖଣ୍ଡ ସରକାରଙ୍କ ଚକ୍ରାନ୍ତକୁ ନେଇ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ବିରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ମଶାଲ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଆଗାମୀ ଫେବୃୟାରୀ ୧୦ ସୁଦ୍ଧା ଦାବି ପୂରଣ ନ ହେଲେ ୧୧ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଲରୋକୋ ଓ ଚକା ଜାମ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ କାଲୁରାମ ମୁର୍ମୁ, ମାଲହ ମାରାଣ୍ଡି, ପାନମଣି ହେମ୍ବ୍ରମ, ମାଧବ ଚନ୍ଦ୍ର ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଚନ୍ଦନ କୁମାର ସୋରେନ, ବାହାଦୁର ମୁର୍ମୁ, ପିଥ ମାଝି ପ୍ରମୁଖ ସେଙ୍ଗେଲ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ବିକ୍ଷୋଭରେ ସାମିଲ ଆଦିବାସୀ ସେଙ୍ଗେଲ ଅଭିଯାନର ସଦସ୍ୟମାନେ।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୩୧।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାହଦାମପାହାଡ଼ ଥାନା ଅଧୀନ ପୁରୁଣାପାଣି ଗ୍ରାମର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶଙ୍କର ମାଝିଙ୍କ ସ୍ତ୍ରୀ ଗୌରୀ। ସ୍ୱାମୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ସୋମବାର ମାଘେ ଉତ୍ସବ ଦେଖିବାକୁ ଯାଇଥିବା ବେଳେ ଗୌରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୩) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।

### ପୋଲ ତଳକୁ ଖସିପଡ଼ିଲା ଟ୍ରକ୍, ୩ ଆହତ



**ଭଦ୍ରକ ଅଫିସ, ୩୧।୧:** ୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ଛକ ନିକଟରେ ମଙ୍ଗଳବାର ଭାରସାମ୍ୟ ହରାଇ ଏକ ଚିପ୍ସ ବୋଝେଇ ଟ୍ରକ୍ ପୋଲ ତଳକୁ ଖସିପଡ଼ିଛି। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ସମେତ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ଫେରି ଯାଇଥିବା ଜଣାପଡ଼ିଛି। ଚିପ୍ସ ବୋଝେଇ ଟ୍ରକ୍‌ଟି ଚଣ୍ଡିଖୋଲ ଆଡୁ ଭଦ୍ରକ ଅଭିମୁଖେ ଆସୁଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ଗାଡ଼ିଟି ଭାରସାମ୍ୟ ହରାଇ ପୋଲ ତଳକୁ ଓଲଟି ପଡ଼ିଥିଲା।

### ଜୁଡ଼ିଆ ଘାଟିରେ ଦୁର୍ଘଟଣା, ଜାମ୍‌ରେ ଫସିଲା ଆମ୍ବୁଲାନ୍ସ

**କେନ୍ଦୁଝର,୩୧।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଜୁଡ଼ିଆ ଘାଟିରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟି ଏକ ଟ୍ରକ୍ ରାସ୍ତାରେ ଓଲଟି ପଡ଼ିବାରୁ ଘାଟି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଗୋଟିଏ ଲେନ୍‌ରେ ଭାରିଯାନ ଯିବା ଆସିବା କରିବା ଫଳରେ ରାସ୍ତା ଜାମ୍ ହୋଇଥିଲା। ଫଳରେ ଅଞ୍ଚଳ ଆଡୁ ଆସୁଥିବା ଏକ ଆମ୍ବୁଲାନ୍ସ ଘାଟି ରାସ୍ତାରେ ବହୁ ସମୟ ଧରି ଅଟକି ରହି ବିଳମ୍ବରେ ମେଡିକାଲରେ ପହଞ୍ଚିଥିଲା। ଠିକ ଭାବେ ଟ୍ରାଫିକ ନିୟନ୍ତ୍ରଣ ହୋଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା।

### ଶ୍ମଶାନ ପାଇଁ ଜବର ଦଖଲ ଉଚ୍ଛେଦ

**ବେତନଟୀ,୩୧।୧(ଡି.ଏନ.ଏ.):** ବେତନଟୀ ତହସିଲ ଅଧୀନ ସୋଠିଲୋ ମୌଜାର ବେତନଟୀ ଉଦ୍ୟାନ କାର୍ଯ୍ୟାଳୟ ନିକଟରେ ଜବର ଦଖଲ କରି ରହିଥିବା ୯ଟି ପରିବାରକୁ ମଙ୍ଗଳବାର ଉଚ୍ଛେଦ କରାଯାଇଛି। ଏହି ମୌଜାର ଖାତା ନଂ. ୩୮୭,୩୮୫ରେ ଥିବା ୩ଟି ପ୍ଲଟରେ ୯ଟି ପରିବାର ଦୀର୍ଘ ବର୍ଷ ଧରି ରହି ଆସୁଥିଲେ। ଏହି ଜବରଦଖଲ ସ୍ଥାନଟି ପତିତ ଓ ଗୋଚର ଜମି ହୋଇଥିବାବେଳେ ଶ୍ମଶାନ କରାଯିବ ନିମନ୍ତେ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ଏଥି ପାଇଁ ସୋଠିଲୋ ପଞ୍ଚାୟତର ସରପଞ୍ଚ ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ। ବେତନଟୀ ତହସିଲଦାର ଅନିତା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ବଡ଼ସାହି ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ବେତନଟୀ ସହକାରୀ ତହସିଲଦାର ନମିତା ଧଳ, ଏସ୍‌ଆଇ ଲିଲି ବେହେରା ଓ ପୋଲିସ ଟିମ୍ ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ।

# ପ୍ରଶାସନ-ବ୍ୟବସାୟୀ ମୁହାଁମୁହିଁ, ଟେକା ପଥରମାଡ଼

### ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ସହରରେ ଉଠା ଦୋକାନୀ ଓ ରାସ୍ତା ଜବରଦଖଲକାରୀଙ୍କୁ ଉଚ୍ଛେଦ ପ୍ରକ୍ରିୟା ପୌରାଞ୍ଚଳ ପକ୍ଷରୁ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମୋତିଗଞ୍ଜ ବଜାରରେ ଉଚ୍ଛେଦ ଜାରି ରହିଥିବା ବେଳେ ସ୍ଥାନୀୟ ଦୋକାନୀମାନେ ଉଚ୍ଛେଦରେ ପାତରଅନ୍ତର ହେଉଥିବା ଅଭିଯୋଗ ଆଣିଥିଲେ। ପୌରାଞ୍ଚଳ ପକ୍ଷରୁ ଗୋଟେ ଜାଗାରେ ଭାଙ୍ଗୁଥିବା ବେଳେ ଅନ୍ୟଟିକୁ ଛାଡ଼ି ଦେଉଥିଲେ। ଏହାକୁ ନେଇ ପ୍ରଶାସନ ଓ ଦୋକାନୀମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହେବା ସହ ଟେକାପଥର ମାଡ଼ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ସମେତ ବିଧାୟକ ଓ ସ୍ଥାନୀୟ ନେତୃବର୍ଗ ଉପସ୍ଥିତ ରହି ଘଟଣା ସମ୍ପର୍କରେ ବୁଝାଶୁଝା କରି ପରିସ୍ଥିତିକୁ ଶାନ୍ତ କରିଥିଲେ।

ସହରର ଅଣଓସାରିଆ ରାସ୍ତାକୁ ପ୍ରଶସ୍ତ କରିବା, ଡ୍ରେନ ପୁନରୁଦ୍ଧାର ପାଇଁ ପୌରାଞ୍ଚଳ ପକ୍ଷରୁ ସିନେମା ଛକରୁ ମୋତିଗଞ୍ଜ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ସହ ଉଠାଦୋକାନୀଙ୍କୁ ମଧ୍ୟ ଉଚ୍ଛେଦ କରାଯାଉଥିଲା। କେତେକ ସ୍ଥାନରେ ଘରଗୁଡ଼ିକର ଉପର ତାଜା ଭାଙ୍ଗୁଥିବା ବେଳେ କେଉଁଠି ତଳେ ଥିବା ପାହାଚ ଭାଙ୍ଗୁ ନ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ କେତେକ ଦୋକାନୀ ପାତରଅନ୍ତର ଅଭିଯୋଗ ଆଣିଥିଲେ। ପରେ ଦୋକାନୀମାନେ ଉତ୍ତେଜିତ ହୋଇ ପାଟିତୁଣ୍ଡ କରିବା ସହ ପ୍ରଶାସନ ଉପରକୁ ଟେକାପଥର ମାଡ଼ କରିଥିଲେ। ଉକ୍ତ ଟେକା ସ୍ଥାନୀୟ ଲୋକଙ୍କ ଦେହରେ ବାଜିଥିଲା। କିଛି ସମୟ ଧରି ଲୋକଙ୍କ ମଧ୍ୟରେ ଟେକା ପଥର ମାଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପୂର୍ବରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ବ୍ୟାପକ ପୋଲିସ ମୁତୟନ କରିଥିଲେ ସୁଦ୍ଧା ପରିସ୍ଥିତି ଅଣାୟତ୍ତ ହୋଇଥିଲା। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ସ୍ଥାନୀୟ କାଉନସିଲର, ଯୁବନେତା ମାନସ ଦତ୍ତ, ଗୌରାଙ୍ଗ ଦାସ ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପୋଲିସ ଉପସ୍ଥିତିରେ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଘଟଣା ସମୟରେ ସଦର ତହସିଲଦାର ନିର୍ଲିପ୍ତା ମହାନ୍ତି, ସହଦେବଖୁଣ୍ଟା ମଡ଼େଲ ଥାନା ଅଧିକାରୀ ଶୁଭ୍ରାଂଶୁ ନାୟକ, ଟାଉନ ଥାନା ଅଧିକାରୀ ପର୍ଶୁରାମ ସାହୁ ଓ ଟ୍ରାଫିକ ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତିଙ୍କ ସମେତ ବ୍ୟାପକ ପୋଲିସଫୋର୍ସ ମୁତୟନ କରାଯାଇଥିଲା। ପଥର ମାଡ଼ରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା କିଛି ଦୁଇଚକିଆ ଗାଡ଼ି ଭାଙ୍ଗିଥିବା ଜଣାପଡ଼ିଛି।



ଉଚ୍ଛେଦ ବେଳେ ଟେକା ପଥର ମାଡ଼ କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ ସରୋଜ



@ ସୋନୀ



@ ପ୍ରଶାନ୍ତ



@ ଏସ୍‌କେ ମୋଦାସିର

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଯୋଗଦେବେ ସିନେ ତାରକା, କଣ୍ଠଶିଳ୍ପୀ

### ପ୍ରତିଭା ମହୋତ୍ସବ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟ।

**ଖଇରା, ୩୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବବୃହତ ପୂଜ୍ୟପୂଜା ଅନୁଷ୍ଠାନ ପ୍ରତିଭା ପରିବାର ଆନୁକୂଲ୍ୟରେ ୪ ଓ ୫ ତାରିଖ ୨ଦିନ ଧରି ୨୧ତମ ପ୍ରତିଭା ମହୋତ୍ସବ ଆୟୋଜିତ ହେବ। ଏଥର ବହୁ ସିନେ କଳାକାର ଓ କଣ୍ଠଶିଳ୍ପୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଓଡିଶା ସଂସ୍କୃତି ବିଭାଗ ତରଫରୁ ଦର୍ଶକଙ୍କୁ ଆକୃଷ୍ଟ କଳା ଭଳି ନୃତ୍ୟ ପରିବେଷଣ ହେବ। ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିବିଶେଷ ତଥା ୧୪ଜଣ ଡାକ୍ତର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ୨୮ତାରିଖରେ ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସନାତନ ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ୨ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ୪ତାରିଖ ସକାଳେ ପତାକା ଉତ୍ତୋଳନ ପରେ ଶଙ୍ଖଫୁଙ୍କା, ସଙ୍ଗୀତ ପ୍ରତିଯୋଗିତା ସାଙ୍ଗକୁ ସାଧାରଣ ସଭା ଓ ମୁଖପତ୍ର ପ୍ରତିଭା ଲୋକାର୍ପିତ ହେବ। ଦ୍ୱିତୀୟ ଦିବସରେ ନୃତ୍ୟ ପ୍ରତିଯୋଗିତା, ସଭା ସହିତ ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ର, ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ବୈଠକରେ ସୂଚନା ପ୍ରଦାନ କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

### ଅପହୃତା ନାବାଳିକାଙ୍କୁ ଉଦ୍ଧାର ଦାବିରେ ଧାରଣା

**ବନ୍ତ,୩୧।୧(ଡି.ଏନ୍.ଏ)**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ରାମପୁର ଅଞ୍ଚଳର ଅପହୃତା ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର ସହ ନ୍ୟାୟ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବଦଳି ଦାବି କରାଯାଇଛି। ଏନେଇ ନାବାଳିକାଙ୍କ ମା'ଙ୍କ ସମେତ ବହୁ ମହିଳା ମଙ୍ଗଳବାର ବନ୍ତ ଥାନା ଆଗରେ ଧାରଣା ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗତ ଡିସେମ୍ବର ୧୬ରେ ଆପଣ୍ଡା ବେରୁଣପଦୀ ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ଅପରହରଣ କରି ନେଇଛନ୍ତି। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୦୭/୨୨) ରୁଜୁ କରିଥିଲା। ନାବାଳିକାଙ୍କୁ ଉଦ୍ଧାର ପାଇଁ ପରିବାର ଲୋକେ ବାରମ୍ବାର ଥାନାକୁ ଆସୁଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ନାବାଳିକାଙ୍କ ମା' ଗତ ୨୧ ତାରିଖରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ତହସିଲଦାର ଓ ଆଇଆଇସିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ସେମାନେ କହିଛନ୍ତି।

### ୩ ବାଲି ବୋଝେଇ ଟ୍ରକ୍ ଅଟକ

**ଭଣ୍ଡାରିପୋଖରୀ, ୩୧।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ମାସକୁ ମାସ ପ୍ରଶାସନ ପକ୍ଷରୁ ଧରପଗଡ଼ ସତ୍ତ୍ୱେ ଚୋରା ଚାଲାଣ ଥମିବାର ନାଁ ଧରୁନି। ମଙ୍ଗଳବାର ୩ ଟ୍ରକ୍ ଆଖୁଆପଦା ପଟୁ ବାଲି ବୋଝେଇ କରି ଆସୁଥିବା ବେଳେ ତହସିଲ ଛକଠାରେ ଅଟକ ରଖାଯାଇଛି। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ବାଲି ଚାଲାଣ ନେଇ କାଗଜପତ୍ର ଯାଞ୍ଚ କରିଥିଲେ।

## ଲାଞ୍ଚ ମାମଲାରେ ଶିକ୍ଷକଙ୍କୁ ୪ ବର୍ଷ ଜେଲ

**କେନ୍ଦୁଝର, ୩୧।୧ (ସ୍ୱ.ପ୍ର.)**

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ରଶ୍ମିତା ଦଳେଇ ମଙ୍ଗଳବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଜଣେ ସହକାରୀ ଶିକ୍ଷକଙ୍କୁ ୪ ବର୍ଷ ଜେଲ ଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୨ ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ରାୟ ପ୍ରକାଶ କରିଛନ୍ତି। ଦଣ୍ଡିତ ହୋଇଥିବା ଶିକ୍ଷକ ହେଲେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବୁଧଦେବ ମହାନ୍ତ।

ପ୍ରକାଶ ଯେ, ବୁଧଦେବ ପୂର୍ବରୁ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଅଧୀନ ଭୂଇଁପୁର ସିଆର୍‌ସିସି ଥିଲେ। ୨୦୧୪-୧୫ରେ ସର୍ବଶିକ୍ଷା ଅଭିଯାନରୁ ଭଦପଶି ଏମ୍‌ଇ ସ୍କୁଲର ବିକାଶ ପାଇଁ ୪୭ ହଜାର ଟଙ୍କା ଅନୁଦାନ ଆସି ଖର୍ଚ୍ଚ ହୋଇଥିଲା। ଏହି ଅର୍ଥ ଖର୍ଚ୍ଚ ହେଲା ପରେ ୟୁସି ସାର୍ଟିଫିକେଟ ବ୍ଲକ ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଦେବା ପାଇଁ ସିଆର୍‌ସିସି ବୁଧଦେବ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗବତ ନାୟକଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେଇ ପାରିବେ ନାହିଁ ବୋଲି କହିବାରୁ ୨ହଜାର ଟଙ୍କାରେ ସେ ରାଜି ହୋଇଥିଲେ। ଏନେଇ ପ୍ରଧାନ ଶିକ୍ଷକ ନାୟକ ୨୦୧୬ ମାର୍ଚ୍ଚ ୨୦ରେ କେନ୍ଦୁଝର ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ମାର୍ଚ୍ଚ ୨୧ରେ ଉକ୍ତ ସ୍କୁଲ ପରିସରରେ ୨ ହଜାର ଟଙ୍କା ଲାଞ୍ଚ ନେଇ ପକେଟରେ ରଖିଥିବାବେଳେ ସିଆର୍‌ସିସି ବୁଧଦେବ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ମାମଲାରେ ୧୩ଜଣ ସାକ୍ଷୀଙ୍କ ପ୍ରମାଣକୁ ଅଧାର କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

## ୨୬୯ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଜଳେଶ୍ୱର, ୩୧।୧(ଡି.ଏନ.ଏ.)**

ଦୀର୍ଘଦିନ ବ୍ୟବଧାନ ପରେ ବ୍ରାଉନ୍‌ସୁଗାର କାରବାରର ପେଣ୍ଠସ୍ଥଳ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ୨୬୯ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। କାରବାରରେ ସମ୍ପୃକ୍ତ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ଏସ୍‌ପି ସୂଚନା ଦେଇଛନ୍ତି। ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଓଡିଶାର ଜଳେଶ୍ୱର ଅଞ୍ଚଳକୁ ବହୁ ପରିମାଣରେ ବ୍ରାଉନସୁଗାର ଆସି ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିବା ପୋଲିସ ଖବର ପାଇଥିଲା। ବ୍ୟବସାୟୀମାନେ ଏଜେଣ୍ଟ ମାଧ୍ୟମରେ ଜଳେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବ୍ରାଉନ୍‌ସୁଗାର ଚାଲାଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଜଳେଶ୍ୱର ପୌରାଞ୍ଚଳର ପଥରପୁରା (ମାଲଗୋଦାମ) ଅଞ୍ଚଳରୁ ଜଣେ ବ୍ୟବସାୟୀଙ୍କୁ ଗିରଫ କରଯିବା ସହ ତାଙ୍କ ନିକଟରୁ ୨୬୯ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଛି । ଚଢାଉ ସମୟରେ ତାଙ୍କ ନିକଟରୁ ନଗଦ ୨୭ଶହ ଟଙ୍କା, ଗୋଟିଏ ମୋବାଇଲ, ଏକ ବ୍ୟାଙ୍କ ପାସ୍‌ବୁକ୍, ୫ଟି ପାନକାର୍ଡ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨୭ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି ସାଗରିକା ନାଥ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଦିଲୀପ କୁମାର ସାହୁ, ଆଇଆଇସି ଶିବପ୍ରସାଦ ଭଦ୍ର ଓ ରୋଜାଲିନ ବେହେରା ଉପସ୍ଥିତ ଥିଲେ । ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳେଶ୍ୱର ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା । ଜଳେଶ୍ୱର ଏସ୍‌ଡିପିଓ, ବସ୍ତା ଏସ୍‌ଡିପିଓ ଓ ବାଲେଶ୍ୱର ସଦର ଏସ୍‌ଡିପିଓଙ୍କୁ ନେଇ ଏକ ଆଣ୍ଟି ନାର୍କୋଟିକ୍ ସ୍କ୍ୱାଡ୍ ଗଠନ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ସଙ୍କଳ୍ପ

**ବାରିପଦା ଅଫିସ,୩୧।୧**

ସ୍କୁଲ କଲେଜ କର୍ମଚାରୀ ମିଳିତ ସମନ୍ୱୟ ସମିତି ମୟୂରଭଞ୍ଜ ଶାଖା ପକ୍ଷରୁ ଏକ ବୈଠକ ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସରକାରଙ୍କ ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ବିଭାଗୀୟ ସଚିବ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ଏହା ସହିତ ମିଳିତ ସମନ୍ୱୟ ସମିତିର ମୁଖ୍ୟ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ୪୪୮ ବର୍ଗର ପବିତ୍ର ମହଲା ଏବଂ ରାଜ୍ୟ ସମିତିର ପଦାଧିକାରୀଙ୍କୁ ପ୍ରଶଂସା କରିବା ସହିତ ସଙ୍ଗଠିତ ହୋଇ କାର୍ଯ୍ୟ କରିବାର ଦୃଢ ସଙ୍କଳ୍ପ ଗ୍ରହଣ କରିଥିଲେ। ଏଥିରେ ଜିଲା ସଭାପତି ରଜତ କୁମାର ଗିରି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ହେମନ୍ତ ବାରିକ, ଶିବଶଙ୍କର ମହାନ୍ତ, ନାରାୟଣ ପଦାର, ଅମ୍ବିକା ମିଶ୍ର, ଧିରେନ୍ଦ୍ର ଗିରି, କାଞ୍ଚନ ବାରିକ, ସଞ୍ଜୟ ଘୋଷଙ୍କ ସମେତ କର୍ମକର୍ତ୍ତା ଓ ନେତୃବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ବୈଠକରେ ଉପସ୍ଥିତ କର୍ମଚାରୀ।

## ସିଡିଏମ୍‌ଓଙ୍କୁ ଘେରିଲେ ଠିକା କର୍ମଚାରୀ

### ଦରମା ବୃଦ୍ଧି ଦାବି

**କେନ୍ଦୁଝର,୩୧।୧(ସ୍ୱ.ପ୍ର.)**

କୋଭିଡ୍ ସମୟରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଥିବା କର୍ମଚାରୀମାନେ ସମ୍ପୂର୍ଣ୍ଣ ଦରମା ଦାବିରେ ମଙ୍ଗଳବାର ସିଡିଏମ୍‌ଓ ଅଫିସ ଘେରାଉ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ କୋଭିଡ୍ ସମୟରେ ନିଜ ଜୀବନକୁ ବାଜି ଲଗାଇ ସେମାନେ ଅନବରତ ସେବା ଯୋଗାଇ ଆସୁଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଆଉଟସୋର୍ସିଂ ଜରିଆରେ ମେଡିକାଲ କଲେଜରେ ନିଯୁକ୍ତି ଦିଆଯାଇଛି। ତେବେ ଆଉଟସୋର୍ସିଂ ସଂସ୍ଥା ଦୈନିକ ସର୍ବନିମ୍ନ ମଜୁରୀ ହାରରେ ଦରମା ଦେବାକୁ ସର୍ତ୍ତ ରଖିଥିଲା। କମ୍ ଦରମା ଧାର୍ଯ୍ୟ ହୋଇଥିଲେ ହେଁ ସେମାନେ କାର୍ଯ୍ୟ କରିଥିଲେ। ଦୀର୍ଘ ୩ ମାସ ହେଲା ସେମାନେ କାମ କରି ଆସୁଥିଲେ ହେଁ ଚୁକ୍ତି ଅନୁଯାୟୀ ଦରମା ନ ଦେବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରି ଉକ୍ତ ସଂସ୍ଥାକୁ ଜଣାଇଥିଲେ। ତେବେ ହୋଇଥିବା ଚୁକ୍ତିଠାରୁ ବହୁତ କମ୍ ଦରମା ମିଳିଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍‌ଙ୍କୁ ଘେରିଥିଲେ। ୧୬ ହଜାର ୩୦୦ ଟଙ୍କା ବଦଳରେ ଗୋଟିଏ ମାସର ଦରମା ବାବଦ ୪ହଜାର ଟଙ୍କା ମିଳିବାରୁ ବାଧ ହୋଇ ସିଡିଏମଓଙ୍କୁ ଘେରାଉ କରିଥିଲେ। ଏଥିରେ ଷ୍ଟାଫ ନର୍ସ, ଲାବରୋଟାରୀ ଟେକନିସିଆନ, ରେଡିଓଗ୍ରାଫର, ଫାର୍ମାସିଷ୍ଟ ଏବଂ ଡାଟା ଏଣ୍ଟ୍ରି ଅପରେଟର ଆଦି ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ। ସିଡିଏମଓ ଡା.କିଶୋର କୁମାର ପୃଷ୍ଟି ଏହାର ସୁବିଚାର ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଉଠିଥିଲେ।




ସିଡିଏମ୍‌ଓ ଅଫିସ ଘେରାଉ କରିଥିବା ଠିକା କର୍ମଚାରୀମାନେ।



